# Akashvani, Sambalpur

## SAMBALPURI NEWS EVENING BULLETIN

## 23 June 2026-7.02- 7.12 pm.

---

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ନ ଆଏଜ୍ ୨ ନମ୍ବର୍ ଖେପେ ୬୫ ଝନ୍‌କୁ ଦେଲେ ପଦ୍ମପୁରସ୍କାର୍ ।

- ଓଡ଼ିଶାର୍ ୩ ଝନ୍ ପାଏଲେ ପଦ୍ମଶ୍ରୀ ।

୨- ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟ୍‌ନାଥି ମୃତ ଓଡ଼ିଆଙ୍କର୍ ପରିବାର୍ ଲାଗି ସାହାଜ୍ ଟଙ୍କା ୧୦ ଲାଖ୍‌କେ ବଢ଼ାଲେ ରାଜ୍ୟ ସର୍‌କାର୍ ।

୩- ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବାକାଏଲ୍‌ଠାନୁ ସାରା ରାଏଜେ ହେବା ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ୍ ।

ଆଉର୍

୪- ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ ସୁରୁଖୁରୁଥି କର୍‌ବାର୍ ଲାଗି ଆଇନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଲା ସମନ୍ୱୟ ବୈଠକ୍ ।

## ପଦ୍ମ ଆୱାର୍ଡ   ଆର୍ଏନ୍ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ନ ଦୁଇ ନମ୍ବର୍ ଖେପେ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ । ଇ ଖେପେ ୨ ଝନ୍କୁ ପଦ୍ମ ବିଭୂଷଣ, ୭ ଝନ୍କୁ ପଦ୍ମଭୂଷଣ ଆଉ ୫୬ ଝନ୍କୁ ପଦ୍ମଶ୍ରୀ ସମ୍ମାନ୍ଥି ସମ୍ମାନିତ୍ କରିଛନ୍ । ଇ ଖେପେ ଓଡ଼ିଶାର୍ ୩ ଝନ୍କୁ ପଦ୍ମଶ୍ରୀ ସମ୍ମାନ୍ଥି ସମ୍ମାନିତ୍ କରାଯାଇଛେ । କଳା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ସୀମାଂଚଳ ପାତ୍ର ଆଉ ଶରତ କୁମାର ପାତ୍ର ଆଉ ସାହିତ୍ୟ ଆର୍ ଶିକ୍ଷା କ୍ଷେତ୍ର ଲାଗି  ଚରଣ ହେମ୍ବ୍ରମ୍ଙ୍କୁ ପଦ୍ମଶ୍ରୀ ଦିଆଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ରାଷ୍ଟ୍ରପତି ଗଲାମାସର୍ ୨୫ ତାରିଖ୍ ଦିନ ପହେଲା ଖେପ୍ଥି ୬୬ ଝନ୍କୁ ପଦ୍ମ ପୁରସ୍କାର ପ୍ରଦାନ୍ କରିଥିଲେ । ଇଥି ଓଡ଼ିଶାର୍ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ସାହିତ୍ୟ ଆଉ ଶିକ୍ଷା କ୍ଷେତ୍ରଥି ସମ୍ମାନିତ୍ କରାଯାଇଥିଲା ।

## ସହାୟତା ରାଶି ବୃଦ୍ଧି           ଆର୍ଏନ୍ୟୁ/ ସମ୍ବଲପୁର

ତାମିଲ୍‌ନାଡୁର ତିରୁଭଲ୍ଲୁର୍ ଠାନେ ଗେସ୍ ଲିକ୍ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଓଡ଼ିଆ ଶ୍ରମିକ୍‌ମାନ୍‌କର୍ ପରିବାର୍ ଲୁକ୍‌କର୍ ଲାଗି ସାହାଜ୍ ଟଙ୍କାକେ ରାଜ୍ୟ ସର୍କାର୍ ୪ ଲାଖ୍ ନୁ ୧୦ ଲାଖ୍ ଟଙ୍କାକେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁର୍ଘଟଣାଥି ଜୀବନ୍ ହରେଇଥିବା ଶ୍ରମିକ୍‌ମାନ୍‌କର୍ ପରିବାର୍ ଲୁକ୍‌କର୍ ପ୍ରତି ସମବେଦନା ଜ୍ଞାପନ୍ କରିଛନ୍ । ଇଭିତ୍‌ରେ ଗେସ୍ ଲିକ୍ ଦୁର୍ଘଟଣାଥି ଓଡ଼ିଆ ଶ୍ରମିକ୍‌ମାନ୍‌କର୍ ମୃତ୍ୟୁ ସଂଖ୍ୟା ୭ କେ ବଢ଼ିଛେ ।

ସର୍କାର୍‌ଙ୍କର୍ ତର୍ଫୁ ଗୁଟେ ୩ ଝନିଆ ବରିଷ୍ଠ ଅଧିକାରୀ ଦଲ୍ ଗଲାକାଏଲ୍ ଘଟ୍‌ନାଜାଗା ନ ପୁହୁଁଚିକରି ତଥ୍ୟ ସଂଗ୍ରହ କର୍‌ବାର୍ ସହେତେ ତାଲ୍‌ମେଲ୍ ରଖିକରି ପ୍ରଭାବିତ୍ ଓଡ଼ିଆ ଶ୍ରମିକ୍‌ମାନ୍‌କୁ ସବୁପ୍ରକାରର୍ ସହଯୋଗ୍ ଦଉଥିବାର୍ ଜନାପଡ଼ିଛେ । ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟଙ୍କର୍ ନିର୍ଦ୍ଦେଶ୍‌ଥି ଗୁଟେ ୩ ଝନିଆ ଦଲ୍ ଗଠନ୍ କରାଯାଇଛେ । ଦୁର୍ଘଟଣାର୍ ତଦନ୍ତ୍ କରିକରି ରିପୋର୍ଟ ଦେବାର୍ ଲାଗି ତାମିଲ୍‌ନାଡୁ ସର୍କାର୍‌ଙ୍କର୍ ତର୍ଫୁ କୁହାଯାଇଛେ । ତାମିଲ୍‌ନାଡୁର ତିରୁଭଲ୍ଲୁର୍ ନ ଗଲା ୨୧

ତାରିଖ୍ ଦିନ ଗୁଟେ କାର୍‌ଖାନାଥି ଏମୋନିଆ ଗେସ୍ ବାହାର୍‌ବାର୍‌ନୁ ଇ ଦୁର୍ଘଟଣା ହେଇଥିଲା ।

ଗଭୀର୍ ସମୁଦ୍ର-ମତ୍ସ୍ୟସମ୍ପଦ୍ କାର୍ଯ୍ୟକ୍ରମ୍   ଆଇ.ଆଣ୍ଡ୍.ପି.ଆର୍

ଦୂର୍ ଆଉ ଗଭୀର୍ ସମୁଦ୍ରଥି ମତ୍ସ୍ୟ ସମ୍ପଦ୍‌ର ସ୍ଥାୟୀ ଉପଯୋଗ୍ ଲାଗି ପ୍ରାଧିକୃତ ଅନୁମତି ପତ୍ରର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଆଏବା ମାସ ୯ ତାରିଖ୍ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଲୟ- ଓୟୁଏଟି, ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ନ ଇ ଜାତୀୟ କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍‌ଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇତାର୍‌ସହେତେ ଓଡ଼ିଶାର୍ ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ, ସମ୍ପୃକ୍ତ କେନ୍ଦ୍ର ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଭିନ୍ ଭିନ୍ ରାଜ୍ୟର୍ ପ୍ରତିନିଧି, ଦେଶର୍ ଭିନ୍ ଭିନ୍ ଜାଗାନୁ ଆସିଥିବା ମାଛ୍‌ଚାଷୀ ଆଉ ଇ କ୍ଷେତ୍ରଥି ପଢୁଥିବା ଛାତ୍ରଛାତ୍ରୀଙ୍କର୍ ସହେତେ ହଜାରେ ଝନ୍

ଭାଗ୍ ନେବେ । ଇ କାର୍ଯ୍ୟକ୍ରମ୍ ଗଭୀର୍ ସମୁଦ୍ରଥି ଦାୟିତ୍ୱପୂର୍ଣ୍ଣ ମାଛ୍‌ଧରାକେ ତହଁକାବାର୍ ସହେତେ ଓଡ଼ିଶାକେ ସ୍ଥାନୀୟ ମତ୍ସ୍ୟ ବିକାଶ୍‌ଥି ଗୁଟେ ଆଗ୍‌ଧାଡ଼ିର୍ ରାଜ୍ୟ ବନାବା ବଲି ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ କହିଛନ୍ ।

ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ଆଏବା କାଏଲ୍ ସାରା ରାଏଜେ ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ୍ ହେବା । ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଜରିଏ ରାଏଜେ ନାଗରିକ୍ ସମ୍ପର୍କକେ ବର୍‌କସ୍ କର୍‌ବାର୍, ସହରୀ ବିକାଶ୍‌ର ସଫଲତା ପ୍ରଦର୍ଶନ୍ ଆଉ ଜନଭାଗିଦାରୀକେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ । ପୁରୀ ଟାଉନ୍‌ହଲ୍ ଠାନେ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଜ୍ୟର୍ ସବୁ ମହାନଗର୍ ନିଗମ୍, ପୌରପାଲିକା ଆଉ ଏନ୍‌ଏସି ମାନ୍‌କେ ଇ କାର୍ଯ୍ୟକ୍ରମ୍ କରାଯିବା । ‘ବିକଶିତ୍ ଓଡ଼ିଶା ଲାଗି ଜନଭାଗିଦାରୀ: ସଶକ୍ତ

ନାଗରିକ୍ - ସମାବେଶୀ ସହର୍- ସ୍ଥାୟୀ ସହରାଂଚଲ୍' ବିଷୟବସ୍ତୁ ଉପ୍ରେ ଆଧାରିତ୍ ଇ ଅଭିଯାନ୍‌ଥି ପିଇବାର୍ ପାଏନ୍, ପରିମଳ, ଘର୍, ପରିବହନ୍ ଆଉ ଡିଜିଟାଲ୍ ଶାସନ୍ କ୍ଷେତ୍ରଥି ହେଉଥିବା ଅଗ୍ରଗତି ପ୍ରଦର୍ଶିତ୍ ହେବା ।

ତ୍ରୁଟି ଶୂନ୍ୟ ପୁସ୍ତକ          ଆର୍‌ଏନ୍‌ୟୁ/ କଟକ୍

୧ ନୁ ୮ ଶ୍ରେଣୀତକ୍ ବାହାରିଥିବା ବହି ମାନ୍‌କୁ ନିର୍ଭୁଲ୍ ଭାବେ ଛୁଆମାନ୍‌କର୍ ପାଖେ ପୁହୁଁଚାଯିବାର୍ ବାବ୍‌ଦେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଆଲୋଚନା କରିଛନ୍ । ବହି ପ୍ରକାଶନ୍‌ର ସମ୍ପାଦନା ମଣ୍ଡଳୀ ତର୍‌ଫୁ ଭୁଲ୍‌କେ ସୁଧ୍‌ରାଯାଇଛେ । ଆଉ ଖୋବ୍ ଜଲ୍‌ଦି ସଂଶୋଧିତ୍ ବହି ଛାପ୍‌ବାର୍ ଲାଗି ସର୍‌କାର୍ ଯୋଜ୍‌ନା କରୁଛନ୍ । ସୁଧ୍‌ରା ହେଇଥିବା ବହି ମାନ୍‌କେ ଡିଜିଟାଲ୍ ବାର୍‌କୋଡ୍ ରଖାଯିବାର୍ ଲାଗି ବୈଠକ୍‌ଥି ନିଷ୍ପତି ହେଇଛେ ।

ଏସ୍‌ଏଚ୍‌ଭିଆର୍ ପୁରସ୍କାର          ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ସରକାରଙ୍କର୍ ସ୍ୱଚ୍ଛ ଆଉ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ- SHVR ୨୦୨୫-୨୬ଥି ଓଡ଼ିଶାର୍ ୧୦ଟା ବିଦ୍ୟାଳୟ ଜାତୀୟ ପୁରସ୍କାର ଲାଗି ବଛା ଯାଇଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଇ ବିଦ୍ୟାଳୟମାନ୍ ପରିମଳ, ସଫା ପିଇବାର୍ ପାଏନ୍, ସବୁଜିମା, ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଇ ସଫଳତା ହାସଲ୍ କରିଛନ୍ । ସମ୍ବଲ୍‌ପୁର୍‌ର ବ୍ରଜମୋହନ୍ ପଟ୍ଟନାୟକ୍ ସର୍‌କାରୀ ଉଚ୍ଚପ୍ରାଥମିକ୍ ବିଦ୍ୟାଳୟ, ସୋନ୍‌ପୁର୍‌ର ସାଗର୍‌ବାଲି ଜି.ଏମ୍. ହାଇସ୍କୁଲ୍ ସହେତେ ରାଜ୍ୟର୍ ୧୦ ଟା ବିଦ୍ୟାଳୟ ଜାତୀୟ ସ୍ୱୀକୃତୀ ପାଇଛନ୍ । ଦେଶର୍ ୨୯ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ନୁ ମୋଟ୍ ୧୯୧ଟା ସ୍କୁଲକେ ଇ ପୁରସ୍କାର ଲାଗି ବଛା ଯାଇଛେ । ବିଜେତା ବିଦ୍ୟାଳୟକେ ୧ ଲାଖ୍ ଟଁଙ୍କା ନଗଦ ପୁରସ୍କାର, ପ୍ରମାଣପତ୍ର ଆଉ ୩ ଦିନିଆ ଏକ୍ସପୋଜର ପରିଦର୍ଶନର ସୁଯୋଗ ମିଲ୍‌ବା ।

ରଥଯାତ୍ରା ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ୨ ନମ୍ବର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ରଥଯାତ୍ରା ସମିଆଥି ପୁରୀ ଜିଲ୍ଲା ସଦର୍ ମୁଖ୍ୟ ଡାକ୍ତର୍‌ଖାନା ନ ଅଏତ୍‌କା ଶଯ୍ୟା ବ୍ୟବସ୍ଥା କରାଯିବାର୍ ସହେତେ ବିଦ୍ୟୁତ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ଜାଗା ନ ଲାଇଟ୍ ବ୍ୟବସ୍ଥା, ରେଲ୍ ବିଭାଗ୍ ତର୍‌ଫୁ ଖାସ୍ ଟ୍ରେନ୍ ଚଲାଚଲ୍ ବିଷେଥି ଆଲୋଚନା ହେଇଛେ । ଇ ବାବ୍‌ଦେ ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍,

(ଭଏସ୍ ଓଭର୍-ଶ୍ରୀ ହରିଚନ୍ଦନ୍)

ଓଟିଇଟି ପରୀକ୍ଷା ସୂଚୀ ହି.ସ.

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଓଡ଼ିଶା ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା - ଓଟିଇଟି ଆଏବା ଜୁଲାଇ ମାସ ୫ ତାରିଖ୍ ଦିନ ହେବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଆଘୋନୁ ଇ ମାସ ୨୮ ତାରିଖ୍ ପରୀକ୍ଷା ହେବା ବଲି ଦିନ୍ ଧାରିଜ୍ ହେଇଥିଲା । ବଦ୍‌ଲାଯାଇଥିବା ସମିଆ ଅନ୍‌ସାରେ ଆଏବା ୫ ତାରିଖ୍ ସଖାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ପହେଲା ପେପର୍ ଦୁଇପହରର୍ ୨ ବଜେନୁ ସଢ଼େ ୪ ବଜେତକ୍ ୨

ନମ୍ବର୍ ପେପର୍ ପରୀକ୍ଷା ହେବା । ସେଆଡ଼େ ଇ ମାସ ୨୮ ତାରିଖ୍ ହେବାର୍‌କେ ଥିବା ଆର୍.ଆଇ. ଅମିନ୍ ପରୀକ୍ଷା ସୂଚୀଥି କେନ୍‌ସି ପ୍ରକାରର୍ ପରିବର୍ତ୍ତନ୍ କରା ନାଇଁ ଯାଇ ।

ଏସ୍‌ଆଇଆର୍ ଆଇଏଣ୍ଡପିଆର୍

ସାରା ରାଏଜେ ଚାଲିଥିବା ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ଶେଷ୍ ଖେପେ ପୁହୁଁଚିଛେ । ଇ ଅଭିଯାନ୍ ଶେଷ୍ ହେବାର୍‌କେ ଆଉ ୫ ଦିନ୍ ବାକି ରହିଛେ । ଇହାଦେ ତକ୍ ୯୯.୮୬ ପ୍ରତିଶତ ଭୋଟର୍ ମାନ୍‌କର୍ ପାସେ ପରିଗଣନା ଫର୍ମ ପୁହୁଁଚିଛେ । ସେଥିର୍ ଭିତ୍‌ରୁ ୮୬.୧୨ ପ୍ରତିଶତ୍ ଫର୍ମ୍‌ର ଡିଜିଟାଇଜେସନ୍ କାମ୍ ଶେଷ୍ ହେଇଛେ ୧୦୦ ପ୍ରତିଶତ ଫର୍ମ ସଂଗ୍ରହ ଆଉ ଡିଜିଟାଇଜେସନ୍ ଲାଗି ଜିଲ୍ଲା ପ୍ରଶାସନ ଆଉ ବୁଥ୍ ସ୍ତରୀୟ ଅଧିକାରୀମାନେ ଯୁଦ୍ଧକାଳୀନ ଭିତି ନ କାମ୍ କରୁଛନ୍ ।

ଶ୍ୟାମାପ୍ରସାଦ୍ ବଳିଦାନ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଆଏଜ୍ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ୭୩ ନମ୍ବର୍ ଶ୍ରାଦ୍ଧବାର୍ଷିକୀଥି ବଳିଦାନ୍ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର୍ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍, ଶ୍ୟାମାପ୍ରସାଦ୍ ମୁଖାର୍ଜୀ ଦେଶର୍ ଅଖଣ୍ଡତାକେ ଅକ୍ଷୁର୍ଣ୍ଣ କର୍ବାର୍ ଲାଗି ଅତୁଳନୀୟ ସାହସ୍ ଆଉ ଚେରେଷ୍ଟା ଦେଖେଇଥିଲେ । ରାଷ୍ଟ୍ରନିର୍ମାଣ୍ଥି ତାଙ୍କର୍ ଅବଦାନ୍ ସବୁବେଲେ ସୁର୍ତା ହେଇକରି ରହେବା ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ଡକ୍ଟର୍ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଡକ୍ଟର୍ ମୁଖାର୍ଜୀ ରାଷ୍ଟ୍ରୀୟ ଏକତା ଆଉ ଅଖଣ୍ଡତାର୍ ପ୍ରତୀକ, ମହାନ୍ ଶିକ୍ଷାବିତ୍, ପ୍ରମୁଖ ରାଷ୍ଟ୍ରବାଦୀ ଆଉ ଜନସଂଘର ସଂସ୍ଥାପକ ଥିଲେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଶ୍ରୀ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଦେଶ୍ ଲାଗି ତାଙ୍କର୍ ବଳିଦାନ୍ ସୋର୍ ରହେବ ବଲି କହିଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଡକ୍ଟର୍ ମୁଖାର୍ଜୀଙ୍କର୍ ବଳିଦାନ୍ ଦିବସ୍ ପାଲନ୍ କରାଯାଉଛେ । ଆଏଜ୍ ସଖାଲ୍ବେଲା ଭୁବ୍ନେଶ୍ୱର୍ ସତ୍ସଙ୍ଗ୍ ବିହାର୍ ନ ଥିବାର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ ପାର୍କ ନ ବିଶିଷ୍ଟ ଅତିଥି ମାନେ ଡକ୍ଟର୍ ମୁଖାର୍ଜୀଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଥିଲେ । ବେଲ୍ବୁଡ଼େ ଭୁବ୍ନେଶ୍ୱର୍ ଜୟଦେବ୍

ଭବନ୍ ଠାନେ ହେଉଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଯୋଗ୍ ଦେଇଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି

ଏସ୍ଏମ୍ଏସ୍ ଜରିଏ ଆଏବା ୨୬ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍ବେ ।

ନିଶାମୁକ୍ତ ଭାରତ୍ ଅଭିଯାନ-କଲାହାଣ୍ଡି   କଲାହାଣ୍ଡି ସମ୍ବାଦଦାତା

ନିଶାମୁକ୍ତ ଭାରତ୍ ଅଭିଯାନ୍-୨୦୨୬ ପାଲନ୍ ଅବ୍ସରେ ଇ ବଛର୍ର ବିଷୟବସ୍ତୁ ନିଶାମୁକ୍ତ ଭାରତ୍ ଅଭିଯାନ୍, ବିକଶିତ୍ ଭାରତ୍କି ପହେଚାନ୍ ରହିଛେ । ଆଏଜ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ନ ଇ ଅବ୍ସରେ ଗୁଟେ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱାନ୍ ପତାକା ଦେଖେଇକରି ତାର୍ ଶୁଭାରମ୍ଭ କରିଥିଲେ ।

ପାଣିପାଗ                                   ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସବୁ ଇଲାକାକେ ଛୁଇଁଛେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ । ସମୁଦ୍ରଖଁଡ଼ି ସହେତେ ଦକ୍ଷିଣ୍ ପଶ୍ଚିମ ଆଉ ଆଭ୍ୟନ୍ତରିଣ୍ ଓଡ଼ିଶାର୍

ଜିଲ୍ଲାମାନ୍‌କେ ବର୍ଷା ବଢ଼୍‌ବା । ଗଲା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ବାମ୍‌ରା ନ ୬୪ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ପାଖାପାଖ୍ି ସବୁ ଇଲାକା ନ ସାମାଏନ୍‌ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ।